## ସଂକ୍ଷେପରେ

### ସମେଟିଭ୍ ପରୀକ୍ଷା ଦେଇପାରିଲେନି ୩୦ ଛାତ୍ରୀଛାତ୍ର

**ଢେଙ୍କିକୋଟ, ୫।୧ (ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ଥିବା ୨ ସରକାରୀ ଉଚ୍ଚ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ବୁଧବାର ଦଶମ ସମେଟିଭ-୧ ପରୀକ୍ଷା ଚାଲିଛି। ଦୁଇ କେନ୍ଦ୍ରରେ ୩୦୫ ଛାତ୍ରୀଛାତ୍ର ପରୀକ୍ଷା ଦେବାର ଥିବାବେଳେ ୩୦ ଜଣ ବଞ୍ଚିତ ହୋଇଛନ୍ତି। ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରର ବାରହାଟିପୁରା ନୀଳକଣ୍ଠେଶ୍ୱର ହାଇସ୍କୁଲ ଏବଂ ଢେଙ୍କିକୋଟ ସରକାରୀ ବାଳିକା ହାଇସ୍କୁଲର ମୋଟ ୧୪୯ ଜଣଙ୍କ ମଧ୍ୟରୁ ୧୩ ଜଣ ପରୀକ୍ଷା ହଲ୍‌ରେ ଅନୁପସ୍ଥିତ ଥିବା ପ୍ରଧାନଶିକ୍ଷକ ଫକିର ଚରଣ ସାହୁ ପ୍ରକାଶ କରିଛନ୍ତି। ସେହିପରି ଢେଙ୍କିକୋଟ ସରକାରୀ ବାଳିକା ହାଇସ୍କୁଲରେ ଭୋଳବେଢ଼ା, କଟ୍ରାବେଡା, ପିପିଲିଆ ଏବଂ ଗୋବରାବେଡା ହାଇସ୍କୁଲର ମୋଟ ୧୫୬ ଛାତ୍ରୀଛାତ୍ର ପରୀକ୍ଷା ଦେବାର ଥିଲା। ସେମାନଙ୍କ ମଧ୍ୟରୁ ୧୭ଜଣ ଅନୁପସ୍ଥିତ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମଞ୍ଜରୀ ସାହୁ କହିଛନ୍ତି। ତେବେ ବହୁ ଗରିବ ଛାତ୍ରୀଛାତ୍ର ଅର୍ଥ ଅଭାବରୁ ପରୀକ୍ଷା ଦେବାରୁ ବଞ୍ଚିତ ହେଉଥିବା ଚର୍ଚ୍ଚା ହେଉଛି।

### ଗଛରୁ ଉଦ୍ଧାର ହେଲେ ମାନସିକ ରୋଗୀ

**ପାଟଣା,୫।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକରେ ଜଣେ ମାନସିକ ରୋଗୀ ଯୁବକଙ୍କୁ ଅଗ୍ନିଶମ ବାହିନୀ କର୍ମଚାରୀ ୪୦ ଫୁଟ୍‌ର ଏକ ବର ଗଛ ଉପରୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଯୁବକ ଜଣକ ହେଲେ ପାଟଣା ବ୍ଲକ ମୂଷାଖରୀ ପଞ୍ଚାୟତ ବଡ଼ଧନୁର୍ଜୟପୁର ଗ୍ରାମର ରାଜେଶ କୁମାର ଦାସ। ରାଜେଶ ମଙ୍ଗଳବାର ସନ୍ଧ୍ୟାରେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଗାଁ ଠାରୁ ୧ କିମି ଦୂର ମୁଦ୍ରା ବେଡା ନିକଟରେ ଥିବା ଏକ ବର ଗଛକୁ ଚଢି ଯାଇଥିଲେ। ଗାଁଲୋକ ଶତ ଚେଷ୍ଟା ପରେ ବି ସେ ଗଛରୁ ଓହ୍ଲାଇ ନଥିଲେ।

### ମହୁଚାଷ ପ୍ରଶିକ୍ଷଣ

**ବନ୍ତ, ୫।୧ (ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ସେଣ୍ଡତୀରାଠାରେ ଦି ମିରାକଲ ସଙ୍ଗଠନ ପକ୍ଷରୁ ମହୁଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ପ୍ରଶିକ୍ଷକ ଶଶିକାନ୍ତ ଦତ୍ତ, ସଙ୍ଗଠନର ଅଧକ୍ଷ ସୁବାସ ଚନ୍ଦ୍ର ବୈରୀଗଞ୍ଜନ ଓ ସମ୍ପାଦକ ସୁବାସ ଚନ୍ଦ୍ର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମହୁ ଚାଷ ପରିଚାଳନା, ବିକ୍ରି ଓ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ତାଲିମ ଦିଆଯିବ। ୧୫ ଦିନ ଧରି ଶିବିର ଚାଲିବ। ହଳଧର ସ୍ୱାଇଁ ଓ ସୁଶାନ୍ତ କୁମାର ଜେନା ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟମିତ୍ରଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୫।୧:** ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ ଗୃହରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ତରଫରୁ ଆୟୋଜିତ ଏକ ଉତ୍ସବରେ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ୱାସ୍ଥ୍ୟମିତ୍ର ବା ସହାୟତା କେନ୍ଦ୍ରରେ ବସୁଥିବା ସମସ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିସିଜେଡି ଜିଲା ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫକୀରମୋହନ ମେଡ଼ିକାଲ କଲେଜ ମୁଖ୍ୟ ପରିଚାଳକ ଦୀପକ କୁମାର ନାୟକ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ପରିଚାଳକ ମୀରା ଲେଙ୍କା ଉପସ୍ଥିତ ରହି ସ୍ୱାସ୍ଥ୍ୟମିତ୍ରମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟମିତ୍ରଙ୍କ ମୁଖ୍ୟ ଭାଗ୍ୟଶ୍ରୀ ମହନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଟାଉନ ଛାତ୍ର ସଭାପତି କୁଶାଳ ଚାଟାର୍ଜୀ, ଛାତ୍ରନେତା ଫିରୋଜ ଖାନ, ରଶ୍ମିରଞ୍ଜନ ପ୍ରଧାନ, ଅମିତ ମହାନ୍ତି, ହ୍ରିତିକ୍ ନାୟକ ଓ ତାନବୀର କାଦରୀ ପ୍ରମୁଖ ସହଯୋଗ କରିଥିଲେ।

### ସେମିଫାଇନାଲରେ ଧର୍ମଶାଳା କ୍ଲବ

**ବାସୁଦେବପୁର, ୫।୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଶୁଙ୍ଗୁଡ଼ା ସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀ ଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ୩ୟ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା କ୍ଲବ ଜାରକା ୩-୧ ଗୋଲ୍‌ରେ ଏରିଆନା ଏକାଡେମୀ ଖୋର୍ଦ୍ଧାକୁ ହରାଇ ସେମିଫାଇନନାଲକୁ ଉନ୍ନୀତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ ଦାସ ଯୋଗଦେଇ ଖେଳାଳିଙ୍କ ସହ କରମର୍ଦ୍ଦନ କରି ଉଦ୍‌ଘାଟନ କରିଥିଲେ। ଶ୍ରୀ ଗଣେଶ କ୍ଲବର ସଭାପତି ଗୌରାଙ୍ଗ ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ସହସମ୍ପାଦକ ହୃଷିକେଶ ସାହୁ, ପ୍ରକାଶ ଚନ୍ଦ୍ର ନାୟକ, ସଞ୍ଜୟ ଘୋଷ, ଅଭିଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଠକିନେଲେ ୧୦ଲକ୍ଷ

**ବାରିପଦା ଅଫିସ,୫।୧**

ଏକ କମ୍ପାନୀର ରିଟେଲର ହେବା ପାଇଁ ବାରିପଦା ୱାର୍ଡ ନଂ.୫ର ବିକାଶ ଚନ୍ଦ୍ର ଶାହା ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏନେଇ ମୟୂରଭଞ୍ଜ ଜିଲା ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ବୁଧବାର ଏକ ମାମଲା(ନଂ.୧/୨୨) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ସୋସିଆଲ ମିଡିଆରୁ ବିଜ୍ଞାପନ ଦେଖି ବିକାଶ ଏକ କମ୍ପାନୀର ରିଟେଲର ହେବା ପାଇଁ ଆବେଦନ କରିଥିଲେ। ବିଜ୍ଞାପନ ମୁତାବକ ତାଙ୍କୁ ଇ ମେଲ୍ ମାଧ୍ୟମରେ ରେଜିଷ୍ଟ୍ରେଶନ ବାବଦରେ ୨୫ହଜାର ୯୬୦ ଟଙ୍କା ଜମା କରିବାକୁ କୁହାଯାଇଥିଲା। ସେ ଅନ୍‌ଲାଇନ୍ ମାଧ୍ୟମରେ ଉକ୍ତ ରାଶି ଜମା କରିବା ପରେ ଏଗ୍ରିମେଣ୍ଟ ବାବଦରେ ୧ଲକ୍ଷ ୨୫ହଜାର ଜମା କରିଥିଲେ। ଏନ୍‌ଇଏଫ୍‌ଟି ଓ ଆର୍‌ଟିଜିଏସ୍ ମାଧ୍ୟମରେ ୩ଟି ବ୍ୟାଙ୍କରେ ଏହି ଟଙ୍କା ସେ ଜମା କରିଥିଲେ। ପରବର୍ତ୍ତୀ ସମୟରେ ଦୋକାନ ଘର ଯାଞ୍ଚ ଓ ସ୍ଥାନ ନିରୂପଣ ପାଇଁ ଆସିବାକୁ ଥିବା ଟିମ୍ ବାବଦରେ ୧ଲକ୍ଷ ୩୭ହଜାର ୮ଶହ, ସାମଗ୍ରୀ ଷ୍ଟକ୍ ରଖିବା ପାଇଁ ୫ଲକ୍ଷ ଓ ସାମଗ୍ରୀ ପରିବହନ ଓ କମ୍ପ୍ୟୁଟର ବାବଦରେ ୨ଲକ୍ଷ ୫୫ହଜାର ଟଙ୍କା ମଧ୍ୟ ଜମା କରିଥିଲେ। ତେବେ ଟଙ୍କା ଜମା କରିବା ପରେ କମ୍ପାନୀ ପକ୍ଷରୁ କୌଣସି ବ୍ୟକ୍ତି ନ ଆସିବାରୁ ସେ କୋଲକାତା ଯାଇ ବିଜ୍ଞାପନରେ ଉଲ୍ଲେଖ ଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରିଥିଲେ। ତେବେ ଉକ୍ତ କମ୍ପାନୀ ଜମା ଅର୍ଥ ଗ୍ରହଣ କରି ନ ଥିବା ସ୍ପଷ୍ଟ କଲା ପରେ ଠକାମୀର ଶିକାର ହୋଇଥିବା ନେଇ ବିକାଶ ଜାଣିବାକୁ ପାଇଲେ। ଜିଲାରେ ସାଇବର ଥାନା ନ ଥିବାରୁ ସେ ଦିଲ୍ଲୀ ଓ ଭୁବନେଶ୍ୱର ଯାଇ ଅଭିଯୋଗ କରିଥିଲେ ମଧ୍ୟ କୌଣସି ମାମଲା ରୁଜୁ ହୋଇ ନ ଥିଲା। ପରେ ସେ ବାରିପଦା ଟାଉନ ଥାନାକୁ ଜଣାଇଥିଲେ। ଏବେ ଜିଲାରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଖୋଲିବା ପରେ ସେଠାରେ ସେ ଅଭିଯୋଗ କରିଛନ୍ତି।

# ୭ରେ ବାଲେଶ୍ୱର ଆସିବେ କେନ୍ଦ୍ର ରେଳମନ୍ତ୍ରୀ



ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଷଡଙ୍ଗୀ ଓ ଅନ୍ୟ କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୫।୧**

ଆସନ୍ତା ୭ତାରିଖରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱର ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ, ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ। ଏନେଇ ବୁଧବାର ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରାଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

କେନ୍ଦ୍ର ରେଳମନ୍ତ୍ରୀ ଶୁକ୍ରବାର ମଧ୍ୟାହ୍ନ ୧୨ଟା ୩୦ମିନିଟ୍‌ରେ ବାଲେଶ୍ୱରରେ ପହଞ୍ଚି ପ୍ରଥମେ ବାଲେଶ୍ୱର–ଭୁବନେଶ୍ୱର ମେମୁ ରେଳର ଶୁଭାରମ୍ଭ କରିବେ। ଅପରାହ୍ନ ୧ଟା ୩୦ମିନିଟ୍‌ରେ ସେ ନୀଳଗିରି ଗସ୍ତ କରି ନୂତନ ରେଳଷ୍ଟେଶନର ଶିଳାନ୍ୟାସ କରି ଆୟୋଜିତ ଜନସଭାରେ ଭାଗନେବେ। ପରେ ୩ଟାରେ ରେମୁଣା କ୍ଷୀରଚୋରା ଗୋପୀନାଥ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ବସ୍ତାଠାରେ ପହଞ୍ଚି ଭଦ୍ରକ–ଖଡଗପୁର ମଧ୍ୟରେ ତୃତୀୟ ଲାଇନର କାର୍ଯ୍ୟ ଅଧୀନରେ ବସ୍ତା ରେଳଷ୍ଟେଶନ ଓ ଷ୍ଟେଶନ ଗୃହର ଉଦ୍‌ଘାଟନ କରିବେ। ଶେଷରେ ଜଳେଶ୍ୱରଠାରେ ନୂଆ ଷ୍ଟେଶନ ଗୃହର ଶିଳାନ୍ୟାସ କରି ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଏମ୍‌ପି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି ଓ ଶୁଭଙ୍କର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚାସୀନ ଥିଲେ।

### ଭିଆରପିଙ୍କୁ ଦକ୍ଷତା ବୃଦ୍ଧି ତାଲିମ

**ଖଇରା, ୫।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସମସ୍ତ ୩୭ଜଣ ଗ୍ରାମ ସମ୍ବଳ ବ୍ୟକ୍ତି (ଭିଆରପି) ମାନଙ୍କ ପାଇଁ ଏକ ତାଲିମ ଶିବିର ଖଇରା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସମୀକ୍ଷକ ହେମନ୍ତ କୁମାର ପାଢୀ ସଭାପତିତ୍ୱ କରିଥିଲେ। ଜିଲା ସାମାଜିକ ସମୀକ୍ଷକ ଚନ୍ଦନ କୁମାର ରାଉଳ, ବ୍ଲକ ବିପ୍ପଣୀ ନିରୀକ୍ଷକ ନିରଞ୍ଜନ ସାହୁ, ସୋର ବ୍ଲକ ସାମାଜିକ ସମୀକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଆକାଉଣ୍ଟସ୍ ଅଧିକାରୀ ମାଧବ ଦାଶ ପ୍ରମୁଖ ଯୋଗଦେଇ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୋଗ୍ୟ ହିତାଧିକାରୀମାନଙ୍କୁ ଯୋଜନାରେ ସାମିଲ କରିବା ସହ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦିଆଯିବା ଉପରେ ଭିଆରପିମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ସେହିଭଳି ଡିଲର ପଏଣ୍ଟକୁ ଯାଇ ହିତାଧିକାରୀମାନଙ୍କୁ ଦିଆଯାଉଥିବା ଚାଉଳ ମାନ ତଦାରଖ କରିବା ସହ ଷ୍ଟକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ପକ୍ଷୀଗଣନା ଲାଗି କୁଳଡ଼ିହାରେ ୩ ଟିମ୍



କୁଳଡ଼ିହାରେ ପକ୍ଷୀଗଣନା କରାଯାଉଛି।

**ସଜନାଗଡ଼, ୫।୧(ଡି.ଏନ.ଏ.)**

ଶୀତ ଋତୁରେ ଅଧିକ ଥଣ୍ଡା କାରଣରୁ ଜଳାଶୟ ଉପରେ ନିର୍ଭରଶୀଳ ପ୍ରଜାତିର ପକ୍ଷୀମାନେ ପ୍ରତିବର୍ଷ ଖାଦ୍ୟ ଅନ୍ୱେଷଣରେ ମାଇଲ ମାଇଲ ବାଟ ଅତିକ୍ରମ କରି ବାଲେଶ୍ୱର କୁଳଡ଼ିହା ଅଭୟାରଣ୍ୟରେ ବିଭିନ୍ନ ଅଞ୍ଚଳକୁ ଆସିଥାନ୍ତି। ଏହି ପକ୍ଷୀମାନଙ୍କ ସୁରକ୍ଷା ଏବଂ ସେମାନଙ୍କର ପ୍ରଜାତିର ଚିହ୍ନଟ ଓ ଗତିବିଧିକୁ ଜାଣିବା ପାଇଁ ପ୍ରତିବର୍ଷ ପକ୍ଷୀଗଣନା କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଚଳିତବର୍ଷ ବନବିଭାଗ ପକ୍ଷରୁ କୁଳଡିହା ଅଭୟାରଣ୍ୟରେ ପକ୍ଷୀଗଣନା ଆରମ୍ଭ ହୋଇଛି। ଅଭୟାରଣ୍ୟ ଭିତରେ ଥିବା ରିଷିୟା ଡ୍ୟାମ, ବୁଗାଳିବନ୍ଧ, ଖୁମକୁଟ, ତେଣ୍ଡା ଅଞ୍ଚଳର ସାତଘାଟି ଡ୍ୟାମ୍‌ରେ ପକ୍ଷୀଗଣନା ପାଇଁ ୩ଟି ଟିମ୍ ନିୟୋଜିତ ହୋଇଛନ୍ତି।

ବୁଧବାର ପକ୍ଷୀଗଣନା କାର୍ଯ୍ୟକ୍ରମରେ କୁଳଡିହା ରେଞ୍ଜ ଅଧିକାରୀ ଅନନ୍ତ କୁମାର ଜେନା ମୁଖ୍ୟ କାର୍ଯ୍ୟନିର୍ବାହ କରୁଛନ୍ତି। ଫରେଷ୍ଟର ଉମାକାନ୍ତ ଜେନା, ରାମେଶ୍ୱର ମୁର୍ମୁ, ପରମାନନ୍ଦ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହାସହ ବନ କର୍ମଚାରୀ ଫରେଷ୍ଟଗାର୍ଡ଼, ସବୁଜବାହିନୀ ପକ୍ଷୀଗଣନାରେ ସାମିଲ ହୋଇଛନ୍ତି। ପକ୍ଷୀଗଣନା ପୂର୍ବାହ୍ନ ୬ଟାରେ ଆରମ୍ଭ ହୋଇଥିଲା। ରିଷିଆ ଡ୍ୟାମ୍‌ରେ ଡଙ୍ଗା ସାହାଯ୍ୟରେ ପକ୍ଷୀଗଣନା ହେଉଥିବା ଦେଖିବାକୁ ମିଳିଥିଲା। ପକ୍ଷୀଙ୍କ ଭିତରେ ବଗ, ଶୁଆ, ଗେଣ୍ଡାଳିଆ, ମାଛରଙ୍କା, ସଲରୀ, କଜଳପାତି, ବୁବୁନ, ଭଦଭଦଳିଆ ଆଦି ଦେଶୀପକ୍ଷୀ ରହିଥିବା ବେଳେ ୨୮ପ୍ରଜାତିର ପକ୍ଷୀ ସହ ପ୍ରଥମଥର ପାଇଁ ମାଛଖିଆ ଛଞ୍ଚାଣ ରହିଥିବା ଜଣାପଡିଛି। ପକ୍ଷୀ ବିଶେଷଜ୍ଞ ମେଘା ନାୟକ, ସୁବ୍ରତ ନାୟକ ଓ ତାଙ୍କର ୨ ସହଯୋଗୀ ମନୋରଞ୍ଜନ ଦାସ, ପ୍ରକାଶ ମର୍ଦ୍ଦରାଜ ଆସି ପକ୍ଷୀଗଣନାରେ ସହଯୋଗ କରିଛନ୍ତି। କିନ୍ତୁ ପୂର୍ବ ବର୍ଷଠାରୁ ପକ୍ଷୀ କମ୍ ଥିବା ସୂଚନା ମିଳିଛି। ଅନୁରୂପ ଭାବେ ନୀଳଗିରି ବନ ବିଭାଗ ଅଧୀନ ପଦ୍ମତୋଳାଠାରେ ନୀଳଗିରି ରେଞ୍ଜର ଗଣେଶ ପ୍ରସାଦ ଲେଙ୍କାଙ୍କ ନେତୃତ୍ୱରେ ୩ ଫରେଷ୍ଟର, ଫରେଷ୍ଟଗାର୍ଡ଼, ସବୁଜବାହିନୀକୁ ନେଇ ପକ୍ଷୀଗଣନା ହେଉଛି।

# ଧାନ ବିକ୍ରି ନେଇ ଦ୍ୱନ୍ଦ୍ୱରେ ଚାଷୀ

**ଆରଡ଼ି, ୫।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ଏବଂ ଓଲଗ ପଞ୍ଚାୟତରେ ବୁଧବାର ଧାନ ମଣ୍ଡି ଖୋଲିଛି। ଚାଷୀମାନଙ୍କ ଧାନ ବିକ୍ରୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି। ଧାନ ବିକ୍ରି ପାଇଁ ୩ ମାସ ପୂର୍ବରୁ ଉଭୟ ପଞ୍ଚାୟତରୁ ପ୍ରାୟ ୭୦୦ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦୦ ଜଣଙ୍କୁ ବିକ୍ରୟ ପାଇଁ ଅନୁମତି ପୂର୍ବକ ଟୋକନ ନମ୍ବର ମୋବାଇଲ ମେସେଜ ଜରିଆରେ ସୂଚନା ଦିଆଯାଇଛି। ହେଲେ ଅବଶିଷ୍ଟ ୩୦୦ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ସେମାନେ ଧାନ ବିକ୍ରି ନେଇ ଦ୍ୱନ୍ଦ୍ୱରେ ରହିବା ସହ ହତୋତ୍ସାହ ହୋଇପଡ଼ିଛନ୍ତି। ପୂର୍ବରୁ ଧାନମଣ୍ଡି କର୍ତ୍ତୃପକ୍ଷଙ୍କୁ ଟୋକନ ନମ୍ବର ପାଇଥିବା ଚାଷୀଙ୍କ ସମ୍ପର୍କରେ ସୂଚନା ଦିଆଯାଉଥିଲା। ହେଲେ ଚଳିତବର୍ଷ ସେହି ବ୍ୟବସ୍ଥାକୁ ବାତିଲ କରାଯାଇଛି। ଫଳରେ ସମସ୍ୟା ଉପୁଜିବା ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଚାଷୀମାନେ କହିଛନ୍ତି। ଏହାକୁ ସରଳୀକରଣ କରିବାକୁ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୁନ୍ଦରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୂଜାର୍ଚ୍ଚନା କରାଯାଇ ସୁନ୍ଦରପୁର ଏବଂ ଓଲଗ ପଞ୍ଚାୟତ ମହିଳା ମହାସଂଘର କର୍ମକର୍ତ୍ତା ଏହାର ଶୁଭାରମ୍ଭ କରିଥିଲେ। ଚାନ୍ଦବାଲି ୧ ବ୍ଲକ କୋଅର୍ଡିନେଟର ରୀତାରାଣୀ ସାହୁ, ଚାନ୍ଦବାଲି ୨ ବ୍ଲକ କୋଅର୍ଡିନେଟର ବନଜ ବାରିକ, ଗ୍ରାମ କୃଷି କର୍ମୀ ନିହାର କୁମାର ସାହୁଙ୍କ ସହ ଚାନ୍ଦବାଲି ଆର୍‌ଏମ୍‌ସିର ଦୁଇଜଣ କର୍ମଚାରୀ ମଣ୍ଡି ପରିଚାଳନାର ସମସ୍ତ ସରକାରୀ ନିୟମ ବିଷୟରେ ସୂଚନା ଦେଇଥିଲେ। ସରପଞ୍ଚ ଶ୍ରୀକାନ୍ତ ନାୟକ, ସୁନ୍ଦରପୁର ପଞ୍ଚାୟତ ମହିଳା ମହାସଂଘ ସମ୍ପାଦିକା ଶାନ୍ତିଲତା ଖଟୁଆ, ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଶୁଭଲକ୍ଷ୍ମୀ ନାୟକ, ଓଲଗ ପଞ୍ଚାୟତ ମହାସଂଘ ସମ୍ପାଦିକା ପ୍ରଭାତି ନାୟକ, ସଭାନେତ୍ରୀ ଶକ୍ୟୁନ୍ତଳା ନାୟକ ଓ ମଣ୍ଡି ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### 'ପଦ୍ମଲୋଚନଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି'

**ବାହାନଗା, ୫।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡଶାଳ ଗ୍ରାମରେ ଥିବା ପଞ୍ଚସଖା ଯାତ୍ରା ଏକାଡେମୀ ପକ୍ଷରୁ ଯାତ୍ରା ଗବେଷକ ତଥା ଅଭଣା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ପଦ୍ମଲୋଚନ ମହାକୁଡଙ୍କ ଆକସ୍ମିକ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚସଖା ଯାତ୍ରା ଏକାଡେମୀ ଉପସଭାପତି ଲୋକନାଥ ମଳିକ ପୌରୋହିତ୍ୟ କରିଥିଲେ। ସ୍ୱର୍ଗତ ମହାକୁଡ ଏକାଡେମୀର ଜଣେ ଆଜୀବନ ସଦସ୍ୟ ସହ ମୁଖ୍ୟ ଉପଦେଷ୍ଟା ଥିଲେ। ୨୦୧୩ରେ ପଞ୍ଚସଖା ଯାତ୍ରା ଏକାଡେମୀ ପକ୍ଷରୁ ସ୍ୱର୍ଗତ ମହାକୁଡଙ୍କୁ ଯାତ୍ରା ଗବେଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେ ଏକାଧାରାରେ ଯାତ୍ରା ଅଭିନେତା, ଯାତ୍ରା ନିର୍ଦ୍ଦେଶକ, ନାଟ୍ୟକାର, ଯାତ୍ରା ଗବେଷକ, ସାରସ୍ୱତ ସାଧକ ଥିଲେ। ତାଙ୍କ ବିୟୋଗଜନିତ ଶୂନ୍ୟ ସ୍ଥାନ କେବେ ପୂରଣ ହୋଇପାରିବ ନାହିଁ ବୋଲି ପଞ୍ଚସଖା ଯାତ୍ରା ଏକାଡେମୀ ସମ୍ପାଦକ ଅନିରୁଦ୍ଧ ବାରିକ ମତବ୍ୟକ୍ତ କରିଥିଲେ। ଶୋକସଭାରେ ଏକାଡେମୀ ସଦସ୍ୟ ଶଙ୍କର୍ଷଣ ଜେନା, ରମଣୀକାନ୍ତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, ରଘୁନାଥ ବିଶ୍ୱାଳ, ସୀତାନାଥ ମିଶ୍ର ଓ ବିକାଶ କୁମାର ଶତପଥୀ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ।

# ଋଣ ଚାପ ସହି ନ ପାରି ଯୁବକଙ୍କ ଆତ୍ମହତ୍ୟା

**ବାହାନଗା, ୫।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ବାରିଙ୍ଗିଆ ଗ୍ରାମର ଜଣେ ଯୁବକ ଋଣଭାର ସହି ନ ପାରି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସତ୍ୟାନନ୍ଦ ଦାସ(୪୦) ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣି ଧାନ ଚାଷ କରିଥିଲେ। ଗତ ଜୱାଦ ବାତ୍ୟାରେ ବିଲରେ ଧାନ ପଡି ନଷ୍ଟ ହୋଇଯାଇଥିଲା। ଧାନରେ କ୍ଷତି ହେବା ପରେ ଋଣ ପରିଶୋଧ କରିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡିଥିଲା। ଅନ୍ୟପକ୍ଷେ ସମବାୟ ସମିତି ଧାନ କିଣିବାରେ ବିଳମ୍ବ ହେବାରୁ ସେ ମାନସିକ ଭାରସାମ୍ୟ ହରାଇ ଗତ ମଙ୍ଗଳବାର ରାତିରେ ଘର ଭିତରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ବୁଧବାର ସକାଳେ ସେ ନ ଉଠିବାରୁ ପରିବାର ଲୋକେ କବାଟ ଭାଙ୍ଗି ମୃତଦେହ ଦେଖିଥିଲେ। ଗୋପାଳପୁର ଫାଣ୍ଡି ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଖନ୍ତାପଡା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୨) ରୁଜୁ ହୋଇଛି।

# କେନ୍ଦୁଝର: ୨୦ ଜଳାଶୟରେ ପକ୍ଷୀ ଗଣନା

**କେନ୍ଦୁଝର, ୫।୧(ସ୍ୱ.ପ୍ର.)**



କେନ୍ଦୁଝର ଜିଲାକୁ ପ୍ରତ୍ୟେକ ବର୍ଷ ବିଶେଷ କରି ଶୀତ ଋତୁରେ ବିଭିନ୍ନ ଅଞ୍ଚଳରୁ ଦେଶୀ ଓ ବିଦେଶୀ ପକ୍ଷୀ ଆସିଥାନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ବନଖଣ୍ଡ ଅଧୀନ ସଦର, ଘଟଗାଁ, ପାଟଣା, ତେଲକୋଇ, ଚମ୍ପୁଆ, ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅଧୀନ ୨୦ଟି ଡ୍ୟାମ, ନଦୀ, ପୋଖରୀ ଆଦି ଜଳାଶୟରେ ପକ୍ଷୀ ଗଣନା କାର୍ଯ୍ୟ ଶେଷ ହୋଇଛି। ଏହି ପକ୍ଷୀଗଣନା କାର୍ଯ୍ୟକ୍ରମରେ ସମୁଦାୟ ୩୮ଟି ଟିମ ସାମିଲ ହୋଇଥିଲେ ବୋଲି ଜଣାପଡିଛି। ସକାଳ ୬ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଏହି ପକ୍ଷୀ ଗଣନା କରାଯାଇଥିଲା। ସମୁଦାୟ ୨୮ ଜଣ ଫରେଷ୍ଟର, ୪ଜଣ ଓ୍ୟୁଏଟିରେ ଅଭିଜ୍ଞ ଟିମ୍ ସହିତ ୮୦ଜଣ ବନରକ୍ଷୀ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ଠିକ ଭାବେ ପକ୍ଷୀ ଗଣନା କରିବା ପାଇଁ ନିଜ ନିଜ ରେଞ୍ଜ୍‌ର ଦାୟିତ୍ୱ ରେଞ୍ଜରଙ୍କୁ ଦିଆଯାଇଥିଲା। ସବିଶେଷ ରିପୋର୍ଟ ଆସିଲା ପରେ ଜିଲାରେ ପକ୍ଷୀଙ୍କ ସଂଖ୍ୟା ଜଣାପଡିବ ବୋଲି କେନ୍ଦୁଝର ବନଖଣ୍ଡ ଡିଏଫ୍‌ଓ ଏଚ୍‌ଡି ଧନରାଜ କହିଛନ୍ତି। ଗତ ବର୍ଷ ଏହି ଡିଭିଜନରେ ୨୦ ପ୍ରଜାତିର ୨୮୬୫ ଟି ପକ୍ଷୀ ଦେଖିବାକୁ ମିଳିଥିଲା। ଏହା ସହ ୫ଟି ନୂଆ ଅତିଥି ପକ୍ଷୀ ମଧ୍ୟ ଚିହ୍ନଟ ହୋଇଥିଲା। ଚଳିତ ବର୍ଷ ପକ୍ଷୀଙ୍କ ଗଣନା ରିପୋର୍ଟ ୧ ସପ୍ତାହ ମଧ୍ୟରେ ଜଣାପଡିବ। ଜିଲାରେ ବିଶେଷ କରି ମୟୂର ଚୁଳିଆ, ଧଳା ଥୁଣ୍ଡ, କମନଟିଲ, ହୁଇସିଲିଙ୍ଗ ଟିଲ, ହଂସରାଳୀ, ମାଛରଙ୍କା, ଧଳାବଗ, ଗିରିଆ, ଗେଣ୍ଡାଳିଆ ଆଦି ଗଣନା ସମୟରେ ଦେଖିବାକୁ ମିଳିଥିଲା ବୋଲି ବନ କର୍ମଚାରୀ ମାନେ ସୂଚନା ଦେଇଛନ୍ତି।

### ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ହାଟଡିହୀ, ୫।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରେଇଗାଁ ସମବାୟ ସମିତି ଧାନ ମଣ୍ଡିର ଶୁଭାରମ୍ଭ ହୋଇ ଚାଷୀ ମାନଙ୍କ ଠାରୁ ଧାନ କିଣା ହୋଇଛି । ସମିତି ସମ୍ପାଦକ ଶରତ ସେଠିଙ୍କ ସୂଚନା ଅନୁସାରେ ଏଠାରେ ଧାନ ବିକ୍ରି କରିବା ପାଇଁ ମୋଟ ୧୦୫୯ ଜଣ ଚାଷୀଙ୍କ ନାମ ପଞ୍ଜିକରଣ ହୋଇଛି। ଚାଷୀମାନେ ସୋମ, ବୁଧ, ଶୁକ୍ର ଏବଂ ଶନି ବାର ମୋଟ ଚାରିଦିନରେ ଧାନ କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ଦରରେ ବିକ୍ରି କରିବାକୁ ଧାର୍ଯ୍ୟ ହୋଇଛି ସେହିପରି ସମଣା, ଡଅଁର, ସଢା ସମିତି ତରଫରୁ ଧାନ ମଣ୍ଡିର ଶୁଭାରମ୍ଭ କରାଯାଇଛି ।

### ଶାଳପତ୍ର ପ୍ରସ୍ତୁତ ସାମଗ୍ରୀ ପ୍ରଶିକ୍ଷଣ ଶିବିର

**ବୈଶିଙ୍ଗା,୫।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ମେରଦା ପଞ୍ଚାୟତର ବର୍ତ୍ତନାଠାରେ ଅତ୍ୟାଧୁନିକ ଶାଳପତ୍ର ପ୍ରସ୍ତୁତ ସାମଗ୍ରୀର ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜନ କରାଯାଇଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଧୀନରେ ବର୍ତ୍ତନାଠାରେ ମେଶିନ ଦ୍ୱାରା ସିଲାଇ ଯୁକ୍ତ ଉନ୍ନତମାନର ଖଲିପତ୍ର ଓ ଦୋନା ପ୍ରସ୍ତୁତ ପ୍ରଶିକ୍ଷଣ ଦିଆଯାଉଛି। ଶିବିରରେ ନିକଟବର୍ତ୍ତୀ ଅଞ୍ଚଳର ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନେ ଅଂଶଗ୍ରହଣ କରିଥିବା ବନ ସୁରକ୍ଷା ସମିତିର ସଭାପତି ଜଳଧର ସିଂ, ଆନିମେଟର୍ ପ୍ରଭାତ କୁମାର ସେଠୀ ପ୍ରକାଶ କରିଛନ୍ତି। ବାରିପଦା ଡିଏଫ୍‌ଓ ସନ୍ତୋଷ ଯୋଷୀ, ବେତନଟୀ ରେଞ୍ଜର ଘନଶ୍ୟାମ ସିଂ, ବୈଶିଙ୍ଗା ଫରେଷ୍ଟର ହିମାଂଶୁ ଶେଖର ମହାନ୍ତ, କୋ ଅର୍ଡିନେଟର୍ ନିହାର ରଞ୍ଜନ ସାମଲ ଓ ରତିକାନ୍ତ ବେହୁରା, ବରିଷ୍ଠ ସଦସ୍ୟ ବଳରାମ ସାହୁ ଏବଂ ପ୍ରଶିକ୍ଷକ ମମତା ମହାରଣା ପ୍ରମୁଖ ଏହି ଶିବିରରେ ଯୋଗଦେଇଥିଲେ।ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ ବୋଲି ସୂଚନା ମିଳିଛି।

# ତଦାରଖ କରିବାକୁ ଆସୁନାହାନ୍ତି ଅଧିକାରୀ

**ବାହାନଗା,୫।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଉପଡାକଘର ନୂତନ ଗୃହ ନିର୍ମାଣ ଦୀର୍ଘଦିନ ପରେ ନିଜସ୍ୱ ଜମିରେ ଆରମ୍ଭ ହୋଇଛି। ନୂତନ ପକ୍କାଘର ତଦାରଖ କରିବା ପାଇଁ ବିଭାଗୀୟ ନିର୍ବାହୀଯନ୍ତ୍ରୀ କିମ୍ବା କନିଷ୍ଠଯନ୍ତ୍ରୀ କେହି ଆସୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଘର ନିର୍ମାଣ ଲାଗି କେତେ ଟଙ୍କା ବ୍ୟୟବରାଦ ହୋଇଛି ତାହାକୁ ନେଇ ଲୋକଙ୍କୁ ଅନ୍ଧାରରେ ରଖାଯାଇ କାମ ଆଗେଇ ଚାଲିଛି।



ଗୋପାଳପୁର ଉପଡାକଘର ଗୃହ ନିର୍ମାଣ ଲାଗି ପିଲାର ଉଠାଯାଉଛି।

ଗୋପାଳପୁର ଉପଡାକଘର ନିର୍ମାଣ ଓ ବିଭାଗ ନାମରେ ଥିବା ବଜାର ଉପରେ ମୂଲ୍ୟବାନ ଜମିକୁ ଦୋକାନୀମାନେ ଜବରଦଖଲ କରି ରଖିଥିବା ନେଇ ଧରିତ୍ରୀରେ ୨୦୧୨ ଜୁଲାଇ ୧୦ତାରିଖରେ 'ଉପଡାକଘର ଜମି ଉପରେ ଦୋକାନ ଘର' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରେ ୨୦୧୫ ଅକ୍ଟୋବର ୩୧ତାରିଖରେ ଉପଡାକ ଘର ଜମି ଜବରଦଖଲ ନାମକ ଆଉ ଏକ ଖବର ପ୍ରକାଶ ପାଇଥିଲା। ପୁନର୍ବାର ୨୦୧୭ ସେପ୍ଟେମ୍ବର ୩ତାରିଖରେ ଜବରଦଖଲରେ ଉପଡାକଘର ନାମକ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଲଗାତର ଭାବେ ଧରିତ୍ରୀ ଏହି ଖବରକୁ ପ୍ରକାଶ କରିବା ପରେ ଡାକ ବିଭାଗୀୟ ମୁଖ୍ୟ ଗୋପାଳପୁରକୁ ପରିଦର୍ଶନରେ ଆସି ଜମି ଜବରଦଖଲ ହୋଇଥିବା ତଦାରଖ କରିଥିଲେ। କିଛିବର୍ଷ ପରେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଇଥିଲା।

### ଉପଡାକଘର ନିଜସ୍ୱ ଜମିରେ ଗୃହ ନିର୍ମାଣ ଆରମ୍ଭ

ଏବେ ସେ ମୂଲ୍ୟବାନ ୫ ଡିସିମିଲି ଜମି ଉପରେ ଡାକ ବିଭାଗ ପକ୍ଷରୁ ଘର ନିର୍ମାଣ ପାଇଁ ବୋରିଂ କରାଯିବା ସହ ପିଲାର ଉଠାଯିବା କାମ ଆଗେଇ ଚାଲିଛି। ଘର କାମ ପାଇଁ କେତେ ଟଙ୍କା ଡାକ ବିଭାଗ ତରଫରୁ ବ୍ୟୟବରାଦ ହୋଇଛି ତାହା ଅଞ୍ଚଳବାସୀ ଓ ଗୋପାଳପୁର ଉପଡାକ ବିଭାଗ ଅଧିକାରୀଙ୍କୁ ଜଣାନାହିଁ। ଯେଉଁ କାମ ଆରମ୍ଭ ହୋଇଛି ପିଲାର ପାଇଁ କେତେ ଫୁଟ ବୋରିଂ ହୋଇଛି ଠିକ୍ ସେ କାମ ହେଉଛି କି ନାହିଁ ତାହା ତଦାରଖ କରିବା ପାଇଁ ବିଭାଗୀୟ ଯନ୍ତ୍ରୀମାନେ ଆସୁ ନ ଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲା ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ବିଜୟ ଦାସ କହନ୍ତି ଆମ ପାଖରେ କିଛି ନାହିଁ। କେତେ ଟଙ୍କା କ'ଣ ଆମେ କହିପାରିବୁ ନାହିଁ, ଭୁବନେଶ୍ୱରରେ ଟେଣ୍ଡର ହୁଏ ସେଠାରୁ ଠିକାଦାର ଆସନ୍ତି ଏଠାରେ ଆମେ କେବଳ ଘର ନିର୍ମାଣ ପାଇଁ ଜମି ଚିହ୍ନଟ କରାଇଥାଉ। ଭୁବନେଶ୍ୱର ଡାକ ବିଭାଗର ଅତିରିକ୍ତ ନିର୍ବାହୀଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀ ଆସି କାମ ତଦାରଖ କରନ୍ତି। ସାମାଜିକ କର୍ମୀ ତଥା ସ୍ୱଚ୍ଛ ଭାରତ ଅଭିଯାନର ଆବାହକ ସୁଦର୍ଶନ ମହାପାତ୍ର କୁହନ୍ତି, ଉପଡାକଘର ନିଜସ୍ୱ ଗୃହ ନିର୍ମାଣ ଲାଗି ସୁପରିଣ୍ଟେଣ୍ଡେଣ୍ଟ ଓ ଭଦ୍ରକ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲୁ। ଦୀର୍ଘଦିନ ପରେ ପୋଷ୍ଟାଲ ଘର ନିଜସ୍ୱ ଜମିରେ ହେଉଥିଲେ ମଧ୍ୟ କେତେ ଟଙ୍କାର ଘର ନିର୍ମାଣ ଓ କେତୋଟି ଘର ହେଉଛି ଆମେ ଜାଣିପାରୁନାହୁଁ ତାହା ବିଡମ୍ବନାର ବିଷୟ। ଏଠାରେ ନାମଫଳକ ମରାଯାଉ ନ ଥିବାରୁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି।

